মଧ୍ୟ ପ୍ରଦେଶ ରାଜ୍ୟ

ବନାମ

ଦେଶରାଜ ଏବଂ ଅନ୍ୟମାନେ

ଜାନୁଆରୀ 29, 2004

[ଡୋରାଇସ୍ୱାମୀ ରାଜୁ ଏବଂ ଅରିଜିତ୍ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860:*

*ଧାରା 302/34, 323/34 ଏବଂ 304 ଭାଗ 2- ଜଣଙ୍କର ହତ୍ୟା ଏବଂ ଅନ୍ୟମାନଙ୍କୁ ଆଘାତ ପାଇଁ ଧାରା 302/34 ଅନୁଯାୟୀ ମକଦ୍ଦମା- ଆକସ୍ମିକ ଝଗଡ଼ା ସମୟରେ ହୋଇଥିବା ଆଘାତ- ଧାରା 302/34 ଅଧୀନରେ ହୋଇଥିବା ଅପରାଧରେ, କେଉଁ ଆଘାତ କେଉଁ ଅଭିଯୁକ୍ତଙ୍କ ଦ୍ୱାରା ହୋଇଛି ତାହାର ସ୍ପଷ୍ଟ ପ୍ରମାଣ ନାମିଳିବାରୁ, ବିଚାର କରୁଥିବା ଅଦାଲତ 10 ଜଣ ଅଭିଯୁକ୍ତଙ୍କୁ ଧାରା 323/34 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି- ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ- ବିଚାର କରୁଥିବା ଅଦାଲତଙ୍କ ରାୟକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବଳବତ୍ତର ରଖାଯାଇଛି- ଆବେଦନରେ ନିର୍ଣ୍ଣୟ ହୋଇଛି ଯେ:ଧାରା 323 ଅଧୀନରେ ଦଣ୍ଡବିଧାନ ଯଥାର୍ଥ ନୁହେଁ- ଯେହେତୁ ଆକସ୍ମିକ ଝଗଡ଼ା ବେଳେ ଆଘାତ ଦିଆଯାଇଥିଲା, ସେଥିପାଇଁ ଅଭିଯୁକ୍ତଙ୍କୁ ଧାରା 304 ଭାଗ-II ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି- ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣକୁ ନିର୍ଦ୍ଦୋଷରେ ଖଲାସ କରିବା ଯଥାର୍ଥ ଅଟେ ।*

*ଧାରା 34- ପ୍ରକୃତି ଏବଂ ପ୍ରଯୋଜ୍ୟତା- ନିର୍ଣ୍ଣୟ ହୋଇଛି: ଏହା କେବଳ ପ୍ରମାଣର ଏକ ନିୟମ ଏବଂ ଏହା ଏକ ପ୍ରକୃତ ଅପରାଧ ସୃଷ୍ଟି କରେ ନାହିଁ- ସାଧାରଣ ଅଭିସନ୍ଧିର ପ୍ରମାଣ କେବଳ ପ୍ରମାଣିତ ତଥ୍ୟରୁ ଦେଖାଯାଉଥିବା ପରିସ୍ଥିତିରୁ ହିଁ ଅନୁମାନ କରାଯାଇପାରିବ- ଆଇନର ଏହି ବ୍ୟବସ୍ଥାକୁ ପ୍ରୟୋଗ କରିବା ପାଇଁ କୌଣସି ପ୍ରତ୍ୟକ୍ଷ କାର୍ଯ୍ୟ ପ୍ରମାଣ କରିବା ଆବଶ୍ୟକ ନୁହେଁ ।*

**ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇବା ଏବଂ ପିଡବ୍ଲ୍ୟୁ 5, 9 ଏବଂ 10 କୁ ଆଘାତ କରିବା ଅପରାଧରେ ଏଗାର ଜଣ ଅଭିଯୁକ୍ତ-ଆବେଦନକାରୀଙ୍କୁ ଆଇପିସିର ଧାରା 34 ସହିତ ପାଠକରାଯାଉଥିବା ଧାରା 302 ଅନୁଯାୟୀ ବିଚାରର ସମ୍ମୁଖୀନ ହୋଇଥିଲେ । ବିଚାର କରୁଥିବା ଅଦାଲତ ଅଭିଯୁକ୍ତ ସଂଖ୍ୟା 11 କୁ ତାଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ନମିଳିବାରୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ଅଭିଯୁକ୍ତ ସଂଖ୍ୟା 1 ରୁ 10 ସମ୍ବନ୍ଧରେ, ଏହା ନିର୍ଣ୍ଣୟ ହୋଇଥିଲା ଯେ ସେମାନଙ୍କ ବିରୁଦ୍ଧରେ କୌଣସି ଦଲିଲଭୁକ୍ତ ପ୍ରମାଣ ନଥିବାରୁ ଏହି ମାମଲା ଆଇପିସିର ଧାରା 302/34 ଅଧୀନରେ ଆସୁନାହିଁ, ଯାହାକି ଦର୍ଶାଇପାରିବ ଯେ କେଉଁ ଅଭିଯୁକ୍ତ କେଉଁ ଆଘାତ ପାଇଁ ଦାୟୀ । କିନ୍ତୁ ମୃତ ବ୍ୟକ୍ତିଙ୍କ ଉପରେ ଅନ୍ୟାନ୍ୟ ଅନେକ ଆଘାତକୁ ଦୃଷ୍ଟିରେ ରଖି, ଏହା ନିର୍ଣ୍ଣୟ ହୋଇଥିଲା ଯେ ଆଇପିସିର ଧାରା 323/34 ଅନୁଯାୟୀ ମାମଲା ପ୍ରମାଣିତ ହେଇଛି ।ଉଚ୍ଚ ନ୍ୟାୟାଳୟ ବିଚାର କରୁଥିବା ଅଦାଲତଙ୍କ ରାୟକୁ ନିଶ୍ଚିତ କରିଛନ୍ତି ।**

**ଆବେଦନକାରୀ-ରାଜ୍ୟ, ଏହି ଅଦାଲତରେ ଆବେଦନ କରି ଯୁକ୍ତି ବାଢିଛନ୍ତି ଯେ ଅଧସ୍ତନ ଅଦାଲତ ଆଇପିସିର ଧାରା 34 ର ପ୍ରକୃତ ଅର୍ଥକୁ ଅଣଦେଖା କରିଛନ୍ତି ।**

ଉତ୍ତରଦାତା-ଅଭିଯୁକ୍ତମାନେ ଯୁକ୍ତି କରିଥିଲେ ଯେ ଯେହେତୁ ଏହି ଘଟଣାଟି ଏକ ଝଗଡା ସମୟରେ ଘଟିଥିଲା ଏବଂ କିଏ କେଉଁ ଆଘାତ ଦେଇଛି ତାହାର କୌଣସି ସ୍ୱଷ୍ଟ ପ୍ରମାଣ ନାହିଁ, ତେଣୁ ଅଧସ୍ତନ ଅଦାଲତଙ୍କ ଦ୍ୱାରା ଦିଆଯାଇଥିବା ରାୟରେ କୌଣସି ପରିବର୍ତ୍ତନ କରାଯିବା ଉଚିତ ନୁହେଁ ।

ଆବେଦନର ଫଏସଲା କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: **1.** ଆଇପିସିର ଧାରା **34** ସହିତ ପାଠକରାଯାଉଥିବା ଧାରା **323** ଅନୁଯାୟୀ କରାଯାଇଥିବା ଅପରାଧରେ, ବିଚାର କରୁଥିବା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ଯଥାର୍ଥ ନଥିଲା । ବାସ୍ତବ ପରିଦୃଶ୍ୟକୁ ପ୍ରୟୋଗ କରି ବିଚାର କରୁଥିବା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲକ୍ଷ୍ୟକରାଯାଇଛି ଯେ, ବିଶେଷ କରି ଅଭିଯୁକ୍ତ, ମୃତକ ଏବଂ ଆହତ ସାକ୍ଷୀମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ଏବଂ ହଠାତ୍ କଳିଗୋଳ ଯୋଗୁଁ ଆଘାତ ଲାଗିଥିବା ବିଷୟକୁ ନଜରରେ ରଖି, ଉତ୍ତରଦାତା **2** ରୁ **10** ଙ୍କୁ ଆଇପିସିର ଧାରା **304** ଭାଗ-**II** ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିବା ଉଚିତ ହେବ । ବିଚାର କରୁଥିବା ଅଦାଲତ ଯଥାର୍ଥ ଭାବରେ ମତ ଦେଇଛନ୍ତି ଯେ ଉତ୍ତରଦାତା ସଂଖ୍ୟା **11**ଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ବସ୍ତୁତଃ କୌଣସି ପ୍ରମାଣ ନାହିଁ ।

**2.1.**ଏକ ଅପରାଧିକ କାର୍ଯ୍ୟ କରିବାରେ ମିଳିତ ଦାୟିତ୍ୱର ନୀତି ଉପରେ ଧାରା **34** ପ୍ରଣୟନ କରାଯାଇଛି । ଏହି ଧାରା କେବଳ ପ୍ରମାଣର ଏକ ନିୟମ ଏବଂ ଏହା ଏକ ପ୍ରକୃତ ଅପରାଧ ସୃଷ୍ଟି କରେ ନାହିଁ । ଏହି ଧାରାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି କାର୍ଯ୍ୟରେ ଅଂଶଗ୍ରହଣର ଉପାଦାନ । ଧାରା **34** ଅନୁଯାୟୀ, ଯେତେବେଳେ କିଛି ବ୍ୟକ୍ତି ମିଳିତ ଭାବେ ଏକ ସାଧାରଣ ଉଦ୍ଦେଶ୍ୟ ପୂରଣ ପାଇଁ ଅପରାଧ କରନ୍ତି, ସେତେବେଳେ ସେହି କାର୍ଯ୍ୟ ପାଇଁ ପ୍ରତ୍ୟେକ ବ୍ୟକ୍ତି ସେହିପରି ଦାୟୀ ରହିବେ ଯେପରି ସେ ଏକାକୀ ସେହି ଅପରାଧ କରିଛନ୍ତି । ସାଧାରଣ ଉଦ୍ଦେଶ୍ୟର ପ୍ରତ୍ୟକ୍ଷ ପ୍ରମାଣ ପ୍ରାୟତଃ ମିଳିନଥାଏ, ତେଣୁ ଏଭଳି ଉଦ୍ଦେଶ୍ୟକୁ କେବଳ ମାମଲାର ପ୍ରମାଣିତ ତଥ୍ୟ ଏବଂ ପ୍ରମାଣିତ ପରିସ୍ଥିତିରୁ ହିଁ ଅନୁମାନ କରାଯାଇପାରେ । ସାଧାରଣ ଉଦ୍ଦେଶ୍ୟର ଅଭିଯୋଗ ପ୍ରମାଣିତ କରିବା ପାଇଁ, ଅଭିଯୋଜନକୁ ପ୍ରତ୍ୟକ୍ଷ କିମ୍ବା ପରିସ୍ଥିତିଜନିତ ପ୍ରମାଣ ଦ୍ୱାରା ଏହା ପ୍ରତିଷ୍ଠା କରିବାକୁ ପଡିବ ଯେ, ଧାରା **34** ର ସହାୟତାରେ ଅଭିଯୁକ୍ତ ବ୍ୟକ୍ତିମାନେ ଯେଉଁ ଅପରାଧ ପାଇଁ ଦୋଷୀ, ତାହା କରିବା ପାଇଁ ସେମାନଙ୍କର ଏକ ଯୋଜନା କିମ୍ବା ମାନସିକ ପ୍ରସ୍ତୁତି ଥିଲା, ଏହି ଯୋଜନା ପୂର୍ବ-ନିର୍ଦ୍ଧାରିତ ହୋଇପାରେ କିମ୍ବା ଘଟଣା ସମୟରେ ତତକ୍ଷଣାତ୍ ସୃଷ୍ଟି ହୋଇପାରେ, କିନ୍ତୁ ଏହା ଅପରାଧ ଘଟାଇବା ପୂର୍ବରୁ ହେବା ଜରୁରୀ ଅଟେ । ଏହି ଧାରାର ପ୍ରକୃତ ବିଷୟବସ୍ତୁ ହେଉଛି ଯେ ଯଦି ଦୁଇ ବା ତତୋଧିକ ବ୍ୟକ୍ତି ମିଳିତ ଭାବେ, କୌଣସି କାର୍ଯ୍ୟ କରନ୍ତି, ତେବେ ଆଇନ ଦୃଷ୍ଟିରେ ସେମାନଙ୍କ ଅବସ୍ଥା ସମାନ ରହିବ, ଯେପରି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ସେହି କାର୍ଯ୍ୟ ପାଇଁ ସେତିକି ଦାୟୀ ରହିବେ, ଯେମିତି ସେ ଏହି କାମଟିକୁ ଏକାକୀ କରିଛନ୍ତି । ଏକ ଅପରାଧରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକ ସାଧାରଣ ଉଦ୍ଦେଶ୍ୟର ଉପସ୍ଥିତି ଏହି ଧାରାର ପ୍ରୟୋଗ ପାଇଁ ଅତ୍ୟାବଶ୍ୟକ ଉପାଦାନ ଅଟେ । ଅନେକ ବ୍ୟକ୍ତି ମିଳିତ ଭାବେ କରିଥିବା କାର୍ଯ୍ୟ କିମ୍ବା ଅପରାଧ ନିଶ୍ଚିତ ଭାବେ ଏକାଭଳି ବା ସମାନ ହେବା ଆବଶ୍ୟକ ନୁହେଁ । ଆଇନର ଏହି ବ୍ୟବସ୍ଥାକୁ ଲାଗୁ କରିବା ପାଇଁ, କାର୍ଯ୍ୟଗୁଡ଼ିକ ଭିନ୍ନ ପ୍ରକୃତିର ହୋଇପାରେ, କିନ୍ତୁ ସେଗୁଡ଼ିକ ଏକ ଏବଂ ସେହି ସାଧାରଣ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ।

*ଅଶୋକ କୁମାର ବନାମ ପଞ୍ଜାବ ରାଜ୍ୟ,* ଏଆଇଆର **(1977)** ଏସସି **109** ମାମଲା ଉପରେ ନିର୍ଭର କରାଯାଇଥିଲା ।

**2.2. ଧାରା 34 ସେହି ସ୍ଥିତି ପାଇଁ ଉଦ୍ଦିଷ୍ଟ, ଯେଉଁଠାରେ ଏକାଧିକ ବ୍ୟକ୍ତି ମିଶି କୌଣସି କାର୍ଯ୍ୟ କରନ୍ତି ଏବଂ ସେମାନଙ୍କର ସାଧାରଣ ଉଦ୍ଦେଶ୍ୟ ଥାଏ, ଏହି ଧାରା ଅନୁଯାୟୀ, ଅପରାଧୀମାନଙ୍କ ମଧ୍ୟରୁ କିଏ କେଉଁ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥିଲା ତାହା ପ୍ରମାଣ କରିବା କଷ୍ଟସାଧ୍ୟ ହେଲେ ମଧ୍ୟ, ସମସ୍ତଙ୍କୁ ସମାନ ଭାବେ ଦାୟୀ କରାଯାଇଥାଏ । ଏହା ସେତେବେଳେ ମଧ୍ୟ ପ୍ରଯୁଜ୍ୟ, ଯଦି ନିର୍ଦ୍ଦିଷ୍ଟ ଅଭିଯୁକ୍ତ ନିଜେ କୌଣସି ଆଘାତ ପହଞ୍ଚାଇ ନଥାନ୍ତି । ଧାରା 34 କୁ ଲାଗୁ କରିବା ପାଇଁ ଅଭିଯୁକ୍ତଙ୍କ ତରଫରୁ କିଛି ପ୍ରତ୍ୟକ୍ଷ କାର୍ଯ୍ୟ କରିବା ଆବଶ୍ୟକ ନୁହେଁ ।**

*ସିଏଚ. ପୁଲ୍ଲା ରେଡ୍ଡୀ ଏବଂ ଅନ୍ୟମାନେ ବନାମ ଆନ୍ଧ୍ର ପ୍ରଦେଶ ରାଜ୍ୟ,* **ଏଆଇଆର୍ (1993) ଏସସି 1899, ମାମଲା ଉପରେ ନିର୍ଭର କରାଯାଇଥିଲା ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 1055/1997

14.3.90 ତାରିଖରେ ମଧ୍ୟ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ସିଆରଏଲ.ଏ. ସଂଖ୍ୟା 72/1982 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସୁଶ୍ରୀ ବିଭା ଦତ୍ତ ମାଖିଜାଙ୍କ ପାଇଁ ସିଦ୍ଧାର୍ଥ ଦାଭେ ଆବେଦନକାରୀଙ୍କ ପାଇଁ ।

ସି. ଏଲ. ସାହୁ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତଙ୍କ** ଦ୍ୱାରା । ଏହି ଆବେଦନରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ପ୍ରଦତ୍ତ ସେହି ରାୟର ସଠିକତାକୁ ଆପତ୍ତି କରାଯାଇଛି, ଯେଉଁଥିରେ, ବିଚାର କରୁଥିବା ଅଦାଲତ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଉତ୍ତରଦାତା ସଂଖ୍ୟା 1 ରୁ 10 ଙ୍କ ସମ୍ବନ୍ଧରେ, ଭାରତୀୟ ଦଣ୍ଡ ସଂହିତା, 1860 ର (ସଂକ୍ଷେପରେ 'ଆଇପିସି') ଧାରା 34 ସହିତ ପାଠ କରାଯାଉଥିବା ଧାରା 323 ଅନୁଯାୟୀ ପ୍ରଦାନ କରାଯାଇଥିବା ଦଣ୍ଡବିଧାନକୁ କାଏମ୍ ରଖିଥିଲେ ଏବଂ ଅଭିଯୋଜନର ଏହି ଯୁକ୍ତିକୁ ଗ୍ରହଣ କରିନଥିଲେ ଯେ, ଏହି ମାମଲା ଆଇପିସିର ଧାରା 34 ସହିତ ପାଠ କରାଯାଉଥିବା ଧାରା 302 ଅନ୍ତର୍ଭୁକ୍ତ ଅଟେ । ଏଗାର ଜଣ ବ୍ୟକ୍ତି ବିଚାରର ସମ୍ମୁଖୀନ ହୋଇଥିଲେ ଏବଂ ବିଚାର କରୁଥିବା ଅଦାଲତ ଏ-11 ତୋରନ ସିଂହ ଦୋଷୀ ନୁହନ୍ତି ବୋଲି ନିର୍ଣ୍ଣୟ ନେଇଥିଲେ । ଅଭିଯୁକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇପିସିର ଧାରା 34 ସହିତ ପାଠ କରାଯାଉଥିବା ଏବଂ ଆଇପିସିର ଧାରା 323 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଅଭିଯୋଗ କରାଯାଇଥିଲା, ଯେଉଁଥିରେ ଜଣେ ରାମଦିନଙ୍କ (ଏହା ପରେ 'ମୃତକ' ଭାବରେ ଉଲ୍ଲେଖ କରାଯାଇଛି) ନରହତ୍ୟା ଏବଂ ହରଭାନ୍ (ପି. ଡବ୍ଲ୍ୟୁ-5), ବ୍ରିଜଭାନ୍ (ପି. ଡବ୍ଲ୍ୟୁ-10) ଏବଂ ବିନା ବାଇ (ପି. ଡବ୍ଲ୍ୟୁ-9) ଙ୍କୁ ଆଘାତ କରିଥିବା ଅଭିଯୋଗ ହୋଇଥିଲା । ବିଚାର କରୁଥିବା ଅଦାଲତ ଅଭିଯୁକ୍ତ ତୋରନ ସିଂହଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ସମୟରେ ନିର୍ଣ୍ଣୟ ନେଇଥିଲେ ଯେ ଅନ୍ୟ ଅଭିଯୁକ୍ତମାନଙ୍କୁ ଆଇପିସିର ଧାରା 34 ସହିତ ପାଠ କରାଯାଉଥିବା ଧାରା 323 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯିବା କଥା । ମଧ୍ୟ ପ୍ରଦେଶ ରାଜ୍ୟ, ମଧ୍ୟ ପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଆବେଦନ ଆଗତ କରିଥିଲା ଏବଂ ତାହାକୁ ଏହି ଆକ୍ଷେପିତ ରାୟ ଦ୍ୱାରା ଖାରଜ କରାଯାଇଥିଲା । ଜଣାପଡୁଛି ଯେ ଉତ୍ତରଦାତା ସଂଖ୍ୟା 1-ଦାରୁଆ 15.6.1986 ରେ ମୃତ୍ୟୁବରଣ କରିଥିଲେ, ଏବଂ ସେପରି ହୋଇଥିବାରୁ, ତାଙ୍କ ବିରୋଧରେ ଆବେଦନକୁ ସମାପ୍ତ କରାଯାଇଛି ।

ଅଭିଯୋଜନ ଦ୍ୱାରା ଉପସ୍ଥାପିତ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା:

26.5.1980 ରେ, ସକାଳ ପ୍ରାୟ 8ଟା 15 ସମୟରେ, ପି. ଡବ୍ଲ୍ୟୁ.-5 ପୂର୍ବଦିନ ଅର୍ଥାତ୍ 25.5.1980 ରେ ଘଟିଥିବା କଥିତ ଘଟଣା ସମ୍ବନ୍ଧରେ ପୋଲିସ ନିକଟରେ ଏତଲା ରୁଜୁ କରିଥିଲେ । ବଳଦ ଗାଡିର ଭଡ଼ା ସମ୍ବନ୍ଧୀୟ ଦେୟକୁ ନେଇ ହରଭାନ୍ (ପିଡବ୍ଲ୍ୟୁ-5) ଏବଂ ପ୍ରତାପ ସିଂ ଠାକୁରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ।ସୂଚନାଦାତାଙ୍କ ଅନୁଯାୟୀ, 15/-ଟଙ୍କାରେ ଭଡ଼ା ସ୍ଥିର ହୋଇଥିଲା କିନ୍ତୁ ପ୍ରତାପ ସିଂ ଠାକୁର 13/- ଟଙ୍କା ଦେବାକୁ ଚାହୁଁଥିଲେ ।ଯେତେବେଳେ ଏହି ଯୁକ୍ତିତର୍କ ଚାଲିଥିଲା, ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅଭିଯୁକ୍ତ ବ୍ୟକ୍ତିମାନେ ସେଠାରେ ପହଞ୍ଚିଥିଲେ ଏବଂ ଅଭିଯୁକ୍ତ ବାଲକିଶନ ମୃତକଙ୍କ ମୁଣ୍ଡରେ ଆଘାତ କରିଥିଲେ । ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ କରିଥିଲେ ।ମୃତକ ନିଜର ସୁରକ୍ଷା ପାଇଁ ଘର ଭିତରକୁ ଦୌଡ଼ି ପଳାଇଥିଲେ ।ଅଭିଯୁକ୍ତମାନେ ଆକ୍ରମଣ ଜାରି ରଖିଥିଲେ ।ଯେତେବେଳେ ବ୍ରିଜଭାନ୍ (ପି. ଡବ୍ଲ୍ୟୁ. -10) ଏବଂ ବିନା (ପି. ଡବ୍ଲ୍ୟୁ. -9) ଅଭିଯୁକ୍ତମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ, ମହାରାଜ ସିଂ ବିନାଙ୍କ ମୁଣ୍ଡରେ ଫାର୍ସା ଦ୍ୱାରା ଆଘାତ କରିଥିଲେ । ଭଗବାନ ଦାସ ଏବଂ ବଦ୍ରାଜ ତାଙ୍କୁ ଲାଠିରେ ଆଘାତ କରିଥିଲେ । ମହାରାଜ ସିଂହ ସୂଚନାଦାତାଙ୍କ ମୁଣ୍ଡରେ ଏକ ଫର୍ସା ଦ୍ୱାରା ପ୍ରହାର କରିଥିଲେ । ଭଗବାନ ଦାସ ଏବଂ ବଦ୍ରାଜ ଲାଠିରେ ତାଙ୍କ ବାମ ହାତରେ, ମୁଣ୍ଡରେ ଆଘାତ କରିଥିବାବେଳେ ଅଭିଯୁକ୍ତ ହାକ୍କା ଡାହାଣ ହାତରେ ଲାଠି ଦ୍ୱାରା ମାରିଥିଲେ । ଜଗନା ତାଙ୍କ କାନ୍ଧରେ ଆଘାତ କରିଥିଲେ ଏବଂ ସେ ତଳେ ପଡ଼ିଯାଇଥିଲେ ।ତା' ସତ୍ତ୍ୱେ ଅଭିଯୁକ୍ତମାନେ ଲାଠିମାଡ଼ କରିଥିଲେ । ଅଭିଯୁକ୍ତ ରାମଦାସ, ବ୍ରିଜଭାନ୍ (ପି. ଡବ୍ଲ୍ୟୁ.-10) ଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ସାହାଯ୍ୟ ପାଇଁ ତାଙ୍କର ଚିତ୍କାର ଶୁଣି ଅନେକ ଗ୍ରାମବାସୀ ରୁଣ୍ଡ ହୋଇଥିଲେ ।ସେମାନେ ମଧ୍ୟ ଏହି ଆକ୍ରମଣର ପ୍ରତ୍ୟକ୍ଷଦର୍ଶୀ ଥିଲେ । ମୃତକ ତୁରନ୍ତ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ଏବଂ ସୂଚନାଦାତା ଚେତାଶୂନ୍ୟ ହୋଇଯାଇଥିଲେ । ସୂଚନାଦାତାଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏତଲା ରୁଜୁ କରାଯାଇଥିଲା । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଆହତମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଛି । ମୃତକଙ୍କ ଶରୀରରେ 8ଟି କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା । ସେଥି ମଧ୍ୟରୁ ଗୋଟିଏ ଥିଲା ଖପୁରି ଫାଟିବା । ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର (ପିଡବ୍ଲ୍ୟୁ-8) ଙ୍କ ଅନୁଯାୟୀ: ସାଧାରଣ ଭାବେ ମୃତ୍ୟୁ ଘଟାଇବା ପାଇଁ ଖପୁରୀରେ ହୋଇଥିବା ଆଘାତ ଯଥେଷ୍ଟ ଥିଲା ।ଅଭିଯୁକ୍ତମାନେ ନିର୍ଦ୍ଦୋଷ ବୋଲି ଦାବି କରିଥିଲେ ଏବଂ ମିଥ୍ୟା ଅଭିଯୋଗରେ ଫସାଯାଇଥିବା କଥା କହିଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ମଧ୍ୟ ପରୀକ୍ଷା କରାଯାଇଥିଲା ଏବଂ ଡାକ୍ତରୀ ବିବରଣୀରେ ଦର୍ଶାଯାଇଥିଲା ଯେ ସେମାନେ ଆହତ ହୋଇଛନ୍ତି ।ବିଚାର କରୁଥିବା ଅଦାଲତ ନିର୍ଣ୍ଣୟ ନେଇଛନ୍ତି ଯେ ମୃତ୍ୟୁଟି ନରହତ୍ୟା ଥିଲା:କିନ୍ତୁ କେଉଁ ଅଭିଯୁକ୍ତଙ୍କ ଦ୍ୱାରା କେଉଁ ଆଘାତ କରାଯାଇଥିଲା ସେ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନଥିଲା । ଅତିରିକ୍ତ ଭାବେ, ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ ଉଭୟ ପକ୍ଷ ମଧ୍ୟରେ ଝଗଡା ହୋଇଥିଲା ଏବଂ ଅଭିଯୁକ୍ତମାନେ ଆହତ ହୋଇଥିଲେ । କେଉଁ ଅଭିଯୁକ୍ତ କେଉଁ ଆଘାତ ଦେଇଛି, ତାହା ପ୍ରମାଣ କରିବା ପାଇଁ କୌଣସି ସ୍ପଷ୍ଟ ପ୍ରମାଣ ନଥିବାରୁ, ଏହି ମାମଲା ଆଇପିସିର ଧାରା 34 ସହିତ ପାଠ କରାଯାଉଥିବା ଧାରା 302 ଅଧୀନରେ ଆସୁନାହିଁ । କିନ୍ତୁ ସେ ନିର୍ଣ୍ଣୟ ନେଇଛନ୍ତି ଯେ ମୃତ ବ୍ୟକ୍ତିଙ୍କ ଶରୀରରେ ଆହୁରି ଅନେକ ଆଘାତ ଦେଖିବାକୁ ମିଳିଛି, ଯେଉଁଥିପାଇଁ ଆଇପିସିର ଧାରା 323/34 ଅନୁଯାୟୀ ମୃତକଙ୍କ ହତ୍ୟା ସମ୍ବନ୍ଧରେ ମାମଲା ରୁଜୁ କରାଯାଇଛି, ଏବଂ ପି. ଡବ୍ଲ୍ୟୁ. 5, 9 ଏବଂ 10 ଙ୍କ ଉପରେ ମଧ୍ୟ ଆଘାତ ଦେଖିବାକୁ ମିଳିଛି ।ନିର୍ଦ୍ଦିଷ୍ଟ ପ୍ରମାଣ ନଥିବାରୁ, ଅଭିଯୁକ୍ତ ତୋରଣଙ୍କ ସମ୍ପର୍କରେ କହିବାକୁ ଗଲେ, ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ଯେପରି ଉଲ୍ଲେଖ କରାଯାଇଛି (ଉପରୋକ୍ତ), ଏମ୍. ପି. ରାଜ୍ୟ, ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲା ଯାହା ଜବଲପୁର ସ୍ଥିତ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଫଏସଲା କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଯେ ମୃତ ବ୍ୟକ୍ତିଙ୍କ ଉପରେ ଅନେକ ଆଘାତ ଥିଲା । କେତେକ ଶରୀର ଆଙ୍କୁଡା କ୍ଷତ ଥିଲା ଏବଂ ଅନ୍ୟଗୁଡ଼ିକ

ଶରୀରରେ ରକ୍ତ ଜମାଟ ଜନିତ କ୍ଷତ ଥିଲା । ଡାକ୍ତର ମତ ଦେଇଥିଲେ ଯେ ଖପୁରୀରେ ହୋଇଥିବା ଆଘାତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଦିଗଟିକୁ ଲକ୍ଷ୍ୟ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରବର୍ତ୍ତୀ ସମୟରେ ଏହା ପର୍ଯ୍ୟବେକ୍ଷଣ କରିଥିଲେ ଯେ, ଡାକ୍ତରଙ୍କଠାରୁ ଆସିନଥିବା ପ୍ରମାଣଗୁଡ଼ିକ ହେଉଛି ଅଭିଯୁକ୍ତମାନଙ୍କ ଦ୍ୱାରା ଦିଆଯାଇଥିବା ଅନେକ ଆଘାତର ସମ୍ମିଳିତ ପ୍ରଭାବ, ଯେଉଁ କାରଣରୁ ମୃତ୍ୟୁ ଘଟିଛି । ମାରାତ୍ମକ ଆଘାତ ପାଇଁ ପ୍ରକୃତରେ କିଏ ଦାୟୀ, ସେ ସମ୍ପର୍କରେ କୌଣସି ପ୍ରମାଣ ନଥିଲା, ତେଣୁ, ଆଇପିସିର ଧାରା 302/34 ଏହି କ୍ଷେତ୍ରରେ ଲାଗୁ ହୋଇପାରିବ ନାହିଁ ବୋଲି ଅଦାଲତ ନିଷ୍ପତ୍ତି ନେଇଛନ୍ତି ।

ଅଭିଯୁକ୍ତ ତୋରନଙ୍କ ମାମଲାରେ ଏହି ଆବେଦନକୁ ଖାରଜ କରାଯାଇଛି ।

ଆବେଦନକାରୀ-ରାଜ୍ୟ ପାଇଁ ବିଦ୍ୱାନ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ ବିଚାର କରୁଥିବା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବରେ ତ୍ରୁଟିପୂର୍ଣ୍ଣ । ଏହି ଅଧିନିୟମର ଧାରା 34 ର ପ୍ରକୃତ ଉଦ୍ଦେଶ୍ୟକୁ ଅଣଦେଖା କରାଯାଇଛି । ଅଭିଯୁକ୍ତ ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ ଏହି ଘଟଣା ଆକସ୍ମିକ ଝଗଡ଼ା ଏବଂ ଖୋଲା ସଂଘର୍ଷର ପରିଣାମ ଥିଲା, ତେଣୁ, ଅଧସ୍ତନ ଅଦାଲତଙ୍କ ରାୟରେ କୌଣସି ତ୍ରୁଟି ନାହିଁ ।

ଏକ ଅପରାଧିକ କାର୍ଯ୍ୟ କରିବାରେ ମିଳିତ ଦାୟିତ୍ୱର ନୀତି ଉପରେ ଧାରା 34 କୁ ପ୍ରଣୟନ କରାଯାଇଛି । ଏହି ଧାରା କେବଳ ପ୍ରମାଣର ଏକ ନିୟମ ଏବଂ ଏହା ଏକ ପ୍ରକୃତ ଅପରାଧ ସୃଷ୍ଟି କରେ ନାହିଁ । ଏହି ଧାରାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି କାର୍ଯ୍ୟରେ ଅଂଶଗ୍ରହଣର ଉପାଦାନ । ଧାରା 34 ଅନୁଯାୟୀ, ଯେତେବେଳେ କିଛି ବ୍ୟକ୍ତି ମିଳିତ ଭାବେ ଏକ ସାଧାରଣ ଉଦ୍ଦେଶ୍ୟ ପୂରଣ ପାଇଁ ଅପରାଧ କରନ୍ତି, ସେତେବେଳେ ସେହି କାର୍ଯ୍ୟ ପାଇଁ ପ୍ରତ୍ୟେକ ବ୍ୟକ୍ତି ସେହିପରି ଦାୟୀ ରହିବେ ଯେପରି ସେ ଏକାକୀ ସେହି ଅପରାଧ କରିଛନ୍ତି ।ସାଧାରଣ ଉଦ୍ଦେଶ୍ୟର ପ୍ରତ୍ୟକ୍ଷ ପ୍ରମାଣ ପ୍ରାୟତଃ ମିଳିନଥାଏ, ତେଣୁ ଏଭଳି ଉଦ୍ଦେଶ୍ୟକୁ କେବଳ ମାମଲାର ପ୍ରମାଣିତ ତଥ୍ୟ ଏବଂ ପ୍ରମାଣିତ ପରିସ୍ଥିତିରୁ ହିଁ ଅନୁମାନ କରାଯାଇପାରେ । ସାଧାରଣ ଉଦ୍ଦେଶ୍ୟର ଅଭିଯୋଗ ପ୍ରମାଣିତ କରିବା ପାଇଁ, ଅଭିଯୋଜନକୁ ପ୍ରତ୍ୟକ୍ଷ କିମ୍ବା ପରିସ୍ଥିତିଜନିତ ପ୍ରମାଣ ଦ୍ୱାରା ଏହା ପ୍ରତିଷ୍ଠା କରିବାକୁ ପଡିବ ଯେ, ଧାରା 34 ର ସହାୟତାରେ ଅଭିଯୁକ୍ତ ବ୍ୟକ୍ତିମାନେ ଯେଉଁ ଅପରାଧ ପାଇଁ ଦୋଷୀ, ତାହା କରିବା ପାଇଁ ସେମାନଙ୍କର ଏକ ଯୋଜନା କିମ୍ବା ମାନସିକ ପ୍ରସ୍ତୁତି ଥିଲା, ଏହି ଯୋଜନା ପୂର୍ବ-ନିର୍ଦ୍ଧାରିତ ହୋଇପାରେ କିମ୍ବା ଘଟଣା ସମୟରେ ତତକ୍ଷଣାତ୍ ସୃଷ୍ଟି ହୋଇପାରେ, କିନ୍ତୁ ଏହା ଅପରାଧ ଘଟାଇବା ପୂର୍ବରୁ ହେବା ଜରୁରୀ ଅଟେ । ଏହି ଧାରାର ପ୍ରକୃତ ବିଷୟବସ୍ତୁ ହେଉଛି ଯେ ଯଦି ଦୁଇ ବା ତତୋଧିକ ବ୍ୟକ୍ତି ମିଳିତ ଭାବେ, କୌଣସି କାର୍ଯ୍ୟ କରନ୍ତି, ତେବେ ଆଇନ ଦୃଷ୍ଟିରେ ସେମାନଙ୍କ ଅବସ୍ଥା ସମାନ ରହିବ, ଯେପରି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ସେହି କାର୍ଯ୍ୟ ପାଇଁ ସେତିକି ଦାୟୀ ରହିବେ, ଯେମିତି ସେ ଏହି କାମଟିକୁ ଏକାକୀ କରିଛନ୍ତି । *ଅଶୋକ କୁମାର ବନାମ ପଞ୍ଜାବ ରାଜ୍ୟ,* ଏଆଇଆର୍.(1977) ଏସସି 109 ମାମଲାରେ ଦର୍ଶାଯାଇଛି ଯେ, ଅପରାଧରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକ ସାଧାରଣ ଉଦ୍ଦେଶ୍ୟ ରହିବା ଏହି ଧାରାର ପ୍ରୟୋଗ ପାଇଁ ଅତ୍ୟାବଶ୍ୟକ ଉପାଦାନ ଅଟେ । ଅନେକ ବ୍ୟକ୍ତି ମିଳିତ ଭାବେ କରିଥିବା କାର୍ଯ୍ୟ କିମ୍ବା ଅପରାଧ ନିଶ୍ଚିତ ଭାବେ ଏକାଭଳି ବା ସମାନ ହେବା ଆବଶ୍ୟକ ନୁହେଁ ।ଆଇନର ଏହି ବ୍ୟବସ୍ଥାକୁ ଲାଗୁ କରିବା ପାଇଁ, କାର୍ଯ୍ୟଗୁଡ଼ିକ ଭିନ୍ନ ପ୍ରକୃତିର ହୋଇପାରେ, କିନ୍ତୁ ସେଗୁଡ଼ିକ ଏକ ଏବଂ ସେହି ସାଧାରଣ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ।

ଏହି ଧାରା "ସମସ୍ତଙ୍କ ସାଧାରଣ ଉଦ୍ଦେଶ୍ୟ" ବିଷୟରେ କୁହେ ନାହିଁ, କି ଏହା "ଏବଂ ସମସ୍ତଙ୍କ ପାଇଁ ସାଧାରଣ ଉଦ୍ଦେଶ୍ୟ" ବିଷୟରେ କୁହେ ନାହିଁ ।" ଧାରା 34 ଅନୁଯାୟୀ, ଅପରାଧିକ ଦାୟିତ୍ୱର ମୁଖ୍ୟ ଆଧାର ହେଉଛି

ଅଭିଯୁକ୍ତମାନଙ୍କ ମଧ୍ୟରେ ଏକ ସାଧାରଣ ଉଦ୍ଦେଶ୍ୟ ରହିବା, ଯାହା ସେମାନଙ୍କୁ ସେହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଏକ ଅପରାଧିକ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ । ଧାରା 34 ରେ ବର୍ଣ୍ଣିତ ନୀତିଗୁଡ଼ିକର ପ୍ରୟୋଗର ଫଳସ୍ୱରୂପ, ଯେତେବେଳେ ଜଣେ ଅଭିଯୁକ୍ତ ଧାରା 34 ସହିତ ପାଠକରାଯାଉଥିବା ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୁଅନ୍ତି, ଏହାର ଅର୍ଥ ହେଉଛି ଅଭିଯୁକ୍ତ ସେହି କାର୍ଯ୍ୟ ପାଇଁ ଦାୟୀ ଯାହା ମୃତକଙ୍କର ମୃତ୍ୟୁ ଘଟାଇଥିଲା ଯେପରି ତାହା କେବଳ ତାଙ୍କ ଦ୍ୱାରା କରାଯାଇଥିଲା । ଏହି ବ୍ୟବସ୍ଥା ସେହି ସ୍ଥିତି ପାଇଁ ଉଦ୍ଦିଷ୍ଟ, ଯେଉଁଠାରେ ଏକାଧିକ ବ୍ୟକ୍ତି ମିଳିତ ଭାବେ ଏକ ଅପରାଧ କରନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱତନ୍ତ୍ର ଭୂମିକା କିମ୍ବା ସେମାନଙ୍କର ସାଧାରଣ ଉଦ୍ଦେଶ୍ୟ କ'ଣ ଥିଲା, ତାହା ଅଲଗା କରି ପ୍ରମାଣ କରିବା କଷ୍ଟକର ହୋଇଥାଏ । ଯେପରି *ସିଏଚ. ପୁଲ୍ଲ ରେଡ୍ଡୀ ଏବଂ ଅନ୍ୟମାନେ ବନାମ ଆନ୍ଧ୍ର ପ୍ରଦେଶ ରାଜ୍ୟ*, ଏଆଇଆର୍ (1993) ଏସସି 1899, ମାମଲାରେ ଦର୍ଶାଯାଇଛି ଯେ, ଯଦିଓ ନିର୍ଦ୍ଦିଷ୍ଟ ଅଭିଯୁକ୍ତଙ୍କ ଦ୍ୱାରା କୌଣସି ଆଘାତ ହୋଇନାହିଁ ତଥାପି ଧାରା 34 ଲାଗୁ ହେବ । ଧାରା 34 କୁ ଲାଗୁ କରିବା ପାଇଁ ଅଭିଯୁକ୍ତଙ୍କ ତରଫରୁ କିଛି ପ୍ରତ୍ୟକ୍ଷ କାର୍ଯ୍ୟ କରିବା ଆବଶ୍ୟକ ନୁହେଁ ।

ଉପୋରୋକ୍ତ ଆଇନଗତ ସ୍ଥିତି ଯୋଗୁ, ବିଚାର କରୁଥିବା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ ଏହି ନିର୍ଣ୍ଣୟରେ ନ୍ୟାୟସଙ୍ଗତ ନଥିଲେ ଯେ ଆଇପିସିର ଧାରା 34 ସହିତ ପାଠ କରାଯାଉଥିବା ଧାରା 323 ଅନୁଯାୟୀ ଅପରାଧ ହୋଇଛି ।

ଅଭିଯୁକ୍ତଙ୍କ ପାଇଁ ବିଦ୍ୱାନ ଅଧିବକ୍ତାଙ୍କ ଆଭିମୁଖ୍ୟ ଉପରେ ଉଲ୍ଲେଖ କରାଯାଇଛି ଯେ ଏହି ଘଟଣା ଏକ ଝଗଡ଼ା ସମୟରେ ଘଟିଥିଲା । ଅଭିଯୁକ୍ତ ବ୍ୟକ୍ତିମାନେ କୌଣସି ଅନୁଚିତ ସୁଯୋଗ ନେଇନାହାନ୍ତି ଏବଂ ନିଷ୍ଠୁରତା ପ୍ରଦର୍ଶନ ମଧ୍ୟ କରିନାହାଁନ୍ତି, ତେଣୁ, କିଏ ଆଘାତ ଘଟାଇଛି ତାହା ଦର୍ଶାଇବା ପାଇଁ କୌଣସି ପ୍ରମାଣର ଅନୁପସ୍ଥିତିରେ, ବିଚାର କରୁଥିବା ଅଦାଲତ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ହୋଇଥିବା ଦଣ୍ଡବିଧାନ ବଦଳାଇବା ଉଚିତ ନୁହେଁ ।

ବିଚାର କରୁଥିବା ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦର୍ଶାଯାଇଥିବା ତଥ୍ୟ ଆଧାରରେ, ବିଶେଷ କରି ଅଭିଯୁକ୍ତ ଏବଂ ମୃତକଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ଏବଂ ସେହି ଆକସ୍ମିକ ଝଗଡା ସମୟରେ ହିଁ ଆହତ କରାଯାଇଥିବା କାରଣରୁ, ଉତ୍ତରଦାତା 2 ରୁ 10 କୁ ଆଇପିସିର ଧାରା 304 ଭାଗ- II ଅଧୀନରେ ଦୋଷୀ ସାବ୍ୟସ୍ତ କରିବା ଉଚିତ ହେବ । ୮ ବର୍ଷର କାରାଦଣ୍ଡ, ନ୍ୟାୟ ପ୍ରଦାନ ପାଇଁ ଯଥେଷ୍ଟ ହେବ ।

ଅଭିଯୁକ୍ତ-ଉତ୍ତରଦାତା ତୋରାନଙ୍କ କ୍ଷେତ୍ରରେ, ବିଚାର କରୁଥିବା ଅଦାଲତ ସଠିକ୍ ଭାବରେ ମତ ଦେଇଛନ୍ତି ଯେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ବସ୍ତୁତଃ କୌଣସି ପ୍ରମାଣ ନାହିଁ । ଯଦିଓ ଉଚ୍ଚ ନ୍ୟାୟାଳୟ, ତାଙ୍କ ସମ୍ବନ୍ଧରେ ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉପସଂହାରକୁ ନିଶ୍ଚିତ କରିବା ପାଇଁ କୌଣସି କାରଣ ଦର୍ଶାଇ ନାହାଁନ୍ତି, ଆମେ ସେଥିରେ ହସ୍ତକ୍ଷେପ କରିବା ପାଇଁ କୌଣସି ଆଧାର ପାଉନାହୁଁ ।

ସାରାଂଶରେ, ରାଜ୍ୟ ସରକାର ଉତ୍ତରଦାତା 2 ରୁ 10 ଙ୍କ ବିରୁଦ୍ଧରେ ଯେଉଁ ଆବେଦନ ଆଗତ କରିଥିଲେ, ତାହାକୁ ଅନୁମତି ଦିଆଗଲା ଏବଂ ଉତ୍ତରଦାତା ସଂଖ୍ୟା 11, ତୋରନ ସିଂହଙ୍କ କ୍ଷେତ୍ରରେ ଆବେଦନକୁ ଖାରଜ କରାଗଲା ।

କେ. କେ. ଟି. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।